# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 August – 2025**

---

## ନୂଆଖାଇ

ଗଣପର୍ବ ନୂଆଖାଇ ପାଇଁ ଆଜି ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠିଛି । ପଶ୍ଚିମ ଓଡ଼ିଶାର ଶକ୍ତିପୀଠଗୁଡ଼ିକ ମଧ୍ୟରେ ସମ୍ବଲପୁରର ମା' ସମଲେଶ୍ୱରୀ, କଳାହାଣ୍ଡିର ମା' ମାଣିକେଶ୍ୱର, ଜୁନାଗଡ଼ର ମା' ଲଙ୍କେଶ୍ୱରୀ, ବଲାଙ୍ଗିର ଓ ପାଟଣାଗଡ଼ର ମା' ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ଏବଂ ଅନ୍ୟ ଇଷ୍ଟଦେବୀଙ୍କ ନିକଟରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନବାନ୍ନ ଲାଗି ହୋଇଥାଏ । ଇଷ୍ଟଦେବୀଙ୍କ ପାଖରେ ପ୍ରଥମ ଅମଳ ଖାଦ୍ୟଶସ୍ୟ ଲାଗି ହେବା ପରେ ପରିବାରର ସଦସ୍ୟମାନେ ନବାନ୍ନ ଗ୍ରହଣ କରିଥା'ନ୍ତି । ନୂଆଖାଇ ପର୍ବ ପଶ୍ଚିମ ଓଡ଼ିଶାର ଲୋକମାନଙ୍କର ଏକ ସାଂସ୍କୃତିକ ଜୀବନଶୈଳୀ । ପଶ୍ଚିମ ଓଡ଼ିଶାର କଳାସଂସ୍କୃତି, ଭାଷା, ପରମ୍ପରା, ଚାଲିଚଳଣ ସହିତ ନୂଆଖାଇ ପର୍ବ ଜଡ଼ିତ । ବିଭିନ୍ନ ସ୍ଥାନରେ ନବାନ୍ନ ଭକ୍ଷଣ ପରେ ସାତ-ଆଠ ଦିନ ପରେ ମଧ୍ୟ ସାଂସ୍କୃତିକ ଦଳ ଓ ମୁଖ୍ୟମାନଙ୍କୁ ନେଇ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ ।

---

## ନୂଆଖାଇ

ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ନବାନ୍ନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆଜି ପୂର୍ବାହ୍ନ ସାଢ଼େ ୧୦ଟାରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହେବ । ଏହାପରେ ମା'ଙ୍କ ମନ୍ଦିରକୁ ଯାଇ ଭକ୍ତମାନେ ଦର୍ଶନ କରିବାର ପରମ୍ପରା ରହିଛି ।

ବରଗଡର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଇଙ୍କଠାରେ  ନିଶାର୍ଦ୍ଧରେ ନୂଆଖାଇ ଲାଗି ହୋଇଛି । ପରମ୍ପରା ଅନୁସାରେ ଦେବୀଙ୍କ ସେବକ ଝାଙ୍କର ମା’ଙ୍କୁ ନୂଆ ବସ୍ତ୍ର ପରିଧାନ କରି ଯଥାବିଧି ପୂଜାର୍ଚ୍ଚନା କରିବା ପରେ ନୂଆ ଚାଉଳରେ ପ୍ରସ୍ତୁତ ଭୋଗ ଦେବୀଙ୍କୁ ଅର୍ପଣ କରିଛନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଶକ୍ତିପୀଠ ମାନଙ୍କରେ ନୂଆଖାଇ ପର୍ବ ପାଳନ କରାଯାଉଛି ।

ବଲାଙ୍ଗୀରର ଅଧିଷ୍ଠାତ୍ରୀ ଦେବୀ ମା’ ପାଟଣେଶ୍ୱରୀ ଓ ମା’ ସମଲେଶ୍ୱରୀଙ୍କ ସମେତ ଅନ୍ୟ ଦେବଦେବୀମାନଙ୍କ ପୀଠରେ ନବାନ୍ନ ଲାଗି କରାଯାଇଛି । ନୂଆ ଧାନପତ୍ର ସହ ବାସନକୁସନ ସାମଗ୍ରୀ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମନ୍ଦିର ମାନଙ୍କୁ ପହଞ୍ଚାଇ ପାହୁର ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ନୂଆପଡା ଜିଲ୍ଲା ଖଡ଼ିଆଳ ରାଜପରିବାର ପକ୍ଷରୁ ଗଡରକ୍ଷକ ଦେବୀ ରକ୍ତାମ୍ବରୀ, ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ପାଖରେ ନୂଆଖାଇ ଲାଗି ହୋଇଛି । ମନ୍ଦିର ସେବାୟତ ଛତ୍ରିଆମାନେ ଜୁଗାଡ ଧରି ମା’ଙ୍କ ନିକଟରେ ନୂତନ ଶସ୍ୟର ଚୂଡା ଭୋଗ ଲାଗି କରିଛନ୍ତି ।

ନୂଆଖାଇ ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ତାଙ୍କର ବାର୍ତ୍ତାରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ପରମ୍ପରା ସମାଜର ସବୁବର୍ଗର ଲୋକମାନଙ୍କର ସୁଖ, ଶାନ୍ତି ଆଉ ସମୃଦ୍ଧି କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ବାର୍ତ୍ତାରେ କାମନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୃଷିଭିତ୍ତିକ ଗଣପର୍ବ ନୂଆଖାଇର ଶୁଭେଚ୍ଛା ଜଣାଇ କହିଛନ୍ତି ଏହି ପର୍ବର ଅନ୍ୟ ବିଶେଷତ୍ୱ ହେଉଛି ବନ୍ଧୁମିଳନ ଓ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ ।

# ପିଏମ୍ ଜନଧନ ଯୋଜନା

ଗରିବ ଲୋକମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଆଜି ୧୧ବର୍ଷ ପୁରିଛି । ସରକାରୀ ତଥ୍ୟ ଅନୁସାରେ ଚଳିତମାସ ମଧ୍ୟଭାଗ ସୁଦ୍ଧା ଏହି ଯୋଜନାରେ ୫୬କୋଟି ୧୬ଲକ୍ଷରୁ ଅଧିକ ବ୍ୟାଙ୍କ ଜମାଖାତା ଖୋଲାଯାଇଛି । ଏହି ଅବଧି ମଧ୍ୟରେ ହିତାଧିକାରୀମାନେ ୨ଲକ୍ଷ ୬୭ହଜାର କୋଟି ଟଙ୍କା ବ୍ୟାଙ୍କରେ ଜମା ରଖିଛନ୍ତି । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଟଙ୍କାଉଠାଣ ପାଇଁ ଡେବିଟ୍ କାର୍ଡ ସହିତ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଦୁର୍ଘଟଣା ବୀମା, କ୍ଷୁଦ୍ର ଋଣ, ଓଭରଡ୍ରାଫ୍ଟ ପେନ୍ସନ ସୁବିଧା ମିଳିପାରୁଛି ।

# ପୂର୍ବତଟ ରେଳପଥ

ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷର ୧୪୮ଦିନ ମଧ୍ୟରେ ୧୦୦ ନିୟୁତ ଟନ୍ ପଣ୍ୟ ଅପସାରଣର ଲକ୍ଷ୍ୟ ଅତିକ୍ରମ କରିଛି । ଚଳିତବର୍ଷ ଅଗଷ୍ଟ ୨୬ତାରିଖ ସୁଦ୍ଧା ୧୦୦ ନିୟୁତ୍ ଟନ୍ ପଣ୍ୟ ଅପସାରଣ କରି ଗତବର୍ଷ ତୁଳନାରେ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି । ପାରାଦ୍ୱୀପ, ବିଶାଖାପାଟଣା, ଗଙ୍ଗାଭରମ୍, ଗୋପାଳପୁର ଏବଂ ଧାମରା ଭଳି ପ୍ରମୁଖ ବନ୍ଦରଗୁଡ଼ିକରେ ଏହି ସେବା ଦେଇ ଇସ୍ପାତ, ଶକ୍ତି, ଆଲୁମିନିୟମ, ସାର, ସିମେଣ୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡ଼ିକର ଚାହିଦା ପୂରଣ କରିଛି ।

## ଭିତରକନିକା-ପକ୍ଷୀଗଣନା

ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀଙ୍କ ଗଣନା ଆସନ୍ତା ଶନିବାରଠାରୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଚାଲିବ । ଜାତୀୟ ଉଦ୍ୟାନରେ ଥିବା ମଠ ଆଡିଆ ଏବଂ ଉଦ୍ୟାନ ବାହାରେ ବ୍ରାହ୍ମଣୀନଦୀସ୍ଥିତ ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ବାଲିଡିଆରେ ପକ୍ଷୀଗଣନା କରାଯିବ । ବର୍ଷାଋତୁ ଆରମ୍ଭରେ ଦେଶୀୟ ପକ୍ଷୀମାନେ ବଂଶବିସ୍ତାର ପାଇଁ ଦେଶର ବିଭିନ୍ନ ଭାଗରୁ ଭିତରକନିକା ଜାତୀୟ ଉଦ୍ୟାନକୁ ଆସିଥାନ୍ତି । ଗଣନାରେ ୩ଟି ଦଳ ସାମିଲ ହେବେ ବୋଲି ରାଜନଗର ବନଖଣ୍ଡ ଅଧିକାରୀ କହିଛନ୍ତି । ପକ୍ଷୀଗଣନା ସମୟରେ ପର୍ଯ୍ୟଟକଙ୍କ ପାଇଁ ଏହି ୩ଦିନ ଭିତରକନିକା ଉଦ୍ୟାନ ବନ୍ଦ ରହିବ ।

## ଭାରୋତ୍ତଳନ-ସ୍ୱର୍ଣ୍ଣ

ଅହମ୍ମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନସିପ୍‌ରେ ଜୁନିଅର ମହିଳା ବିଭାଗର ୬୩ କେଜି ବର୍ଗରେ ଓଡ଼ିଶାର ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଚତୁର୍ଥ ପଦକ ହାସଲ କରିଛି । ବିଦୁସ୍ମିତାଙ୍କ ସଫଳତା ଲାଗି ଓଡ଼ିଶା ଭାରୋତ୍ତଳନ ସଂଘର ସମସ୍ତ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରୁଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ମାଲକାନଗିରି, କୋରାପୁଟ ଜିଲ୍ଲାର ଗୋଟିଏଦୁଇଟି ସ୍ଥାନରେ ଆଜି ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଂଚଳିକ

ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଜୁନ୍ ପହିଲାରୁ ଗତକାଲି ସୁଦ୍ଧା ରାଜ୍ୟରେ ୮୪୭ ଦଶମିକ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକଠାରୁ ୬୦ ପ୍ରତିଶତ ଅଧିକ ବର୍ଷା ହୋଇଛି । ଗତକାଲି ଜୟପୁରରେ ୧୮୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା ।

........................................................................................